ଧରିତ୍ରୀ
DHARITRI
ମଙ୍ଗଳବାର, ଡିସେମ୍ବର ୨୯, ୨୦୨୦



## ସଂକ୍ଷେପରେ

### ୪ ବଖରା ଭସ୍ମୀଭୂତ

ଦିଗପହଣ୍ଡି,୨୮।୧୨(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ବୁରୁଡାଙ୍ଗ ଗ୍ରାମ ଦଳିତ ସାହିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୪ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ରବିବାର ରାତିରେ ଗ୍ରାମର ମମି ନାଇକ ଓ ସୁବି ନାୟକଙ୍କ ପରିବାର ସଦସ୍ୟ ଶୋଇଥିଲେ। ଘର ନିକଟ ବିଦ୍ୟୁତ୍ ତାର ଉପରେ ନିଆଁ ଲାଗିଥିବା ଗ୍ରାମର କେତେଜଣ ଯୁବକ ଦେଖି ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଉଭୟ ପରିବାରରକୁ ବାହାରକୁ ଆଣିଥିଲେ। ମମି ନାଇକ ତାଙ୍କ ଝିଅ ବାହାଘର ପାଇଁ ରଖିଥିବା ଟଙ୍କା ଓ ସୁନା ଅଳଙ୍କାର ଭସ୍ମୀଭୂତ ହୋଇଯାଇଛି। ସେହିପରି ସୁବି ନାୟକଙ୍କ ମଧ ବହୁ ଜିନିଷ ଓ ଟଙ୍କା ପୋଡିଯାଇଛି। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସରପଞ୍ଚ କେ.ସନ୍ତୋଷ କୁମାର ପାତ୍ର ଦାବି କରିଛନ୍ତି।

### ଜୁଆ ଆଡ୍ଡାରେ ଚଢାଉ : ୮ ଗିରଫ

ଆସିକା,୨୮।୧୨(ଡି.ଏନ୍.ଏ.): ଆସିକା ସହର ଉପକଣ୍ଠ ପୁଡୁଗେଶ୍ୱରପଲ୍ଲୀ ଗ୍ରାମ ସଂଲଗ୍ନ ବୁଡତୋଟାଠାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ସୋମବାର ପୋଲିସ ଚଢାଉ କରି ୮ଜଣଙ୍କୁ ଗିରଫ କରିଛି। ସେଠାରୁ ୨୭ହଜାର ଟଙ୍କା, ୪ ବାଇକ ଓ ୮ ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ପୁଡୁଗେଶ୍ୱରପଲ୍ଲୀ, ରଘୁନାଥନଗର, ବାବନପୁର, ନୂଆଗାଁ ଓ ବୁଗୁଡା ଗ୍ରାମର ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୭୦୧/୨୦ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଧାନଗଦା ଜଳିଗଲା

ବୁଗୁଡା,୨୮।୧୨(ଡି.ଏନ.ଏ.): ବୁଗୁଡା ବ୍ଲକ ରାମଣ୍ଡା ଗ୍ରାମର ୨ ଜଣ ଚାଷୀଙ୍କ ସୋମବାର ଅପରାହ୍ନରେ ବିଲରେ ଥିବା ୧୦ଭରଣ ଧାନ ଗଦା ଜଳିଯାଇଛି। ଉକ୍ତ ଗ୍ରାମର କାମରାଜୁ ଗୌଡ ଏବଂ କୁନି ଗୌଡ ତାଙ୍କ ଧାନ ଅମଳ କରି ନିଜ ବିଲରେ ରଖିଥିଲେ। ତେବେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଧାନ ଫସଲ ପୋଡି ଯାଇଥିଲା। ଖବର ପାଇ ବୁଗୁଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଦିବ୍ୟ ଜୀବନ ସଂଘର ଗୀତା ଯଜ୍ଞ

ବ୍ରହ୍ମପୁର ଅଫିସ,୨୮।୧୨: ଦିବ୍ୟ ଜୀବନ ସଂଘ ମହିଳା ଶାଖା ପକ୍ଷରୁ ସୋମବାର ରାମନଗର ସ୍ଥିତ ଆଶ୍ରମ ପରିସରରେ ଗୀତା ଯଜ୍ଞ ପାଳିତ ହୋଇଯାଇଛି। ଗୀତା ଯଜ୍ଞ ଆଶ୍ରମ ପୂଜକ ପ୍ରଗତି କୁମାର ପଣ୍ଡା ଓ ଅରୁଣ କୁମାର ଦାଶଙ୍କ ପୌରୋହିତ୍ୟରେ ଭଗବଦ୍ ଗୀତାର ସମ୍ପୂର୍ଣ୍ଣ ଶ୍ଳୋକର ଆବୃତ୍ତି ପରେ ଘୃତ ଯଜ୍ଞ କରାଯାଇଥିଲା। ଭଗବଦ୍ ଗୀତାକୁ ଶ୍ରଦ୍ଧାର ସହିତ ପାରାୟଣ କଲେ ପରମାତ୍ମାଙ୍କ କୃପା ଲାଭ କରିବା ସହିତ ମୋକ୍ଷ ମାର୍ଗ ମଧ ଉନ୍ମୁକ୍ତ ହୋଇଥାଏ ବୋଲି ଦିବ୍ୟଜୀବନ ସଂଘ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତି କୋଷାଧକ୍ଷ ଶାନ୍ତି ଭୂଷଣ ପଣ୍ଡା କହିଥିଲେ। ଏହି ଅବସରରେ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ମାଗଣା ଖାଦ୍ୟ ସହ ଔଷଧ ବଣ୍ଟନ କରାଯାଇଥିଲା।

# ଆବର୍ଜନାରେ ଭର୍ତ୍ତି କମାପଲୀ ପୋଖରୀ

■ଅଭିଯୋଗ ସତ୍ତ୍ୱେ ପୁନରୁଦ୍ଧାର ହେଉନି
■ଚର୍ମ ରୋଗରେ ପୀଡ଼ିତ ହେଉଛନ୍ତି ଲୋକେ

ବ୍ରହ୍ମପୁର ଅଫିସ୍,୨୮।୧୨

ସହରବାସୀଙ୍କ ଦୈନନ୍ଦିନ ବ୍ୟବହାର୍ଯ୍ୟ ନିମନ୍ତେ ଓ ପାନୀୟ ଜଳର କିଛିଟା ଆବଶ୍ୟକତାକୁ ପୂରଣ ପାଇଁ ସହରର ବିଭିନ୍ନ ୱାର୍ଡ଼ରେ ପୋଖରୀ ରହିଛି। କିନ୍ତୁ ପୂର୍ବାପେକ୍ଷା ସହରରେ ବର୍ତ୍ତମାନ ପୋଖରୀ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ପୋଖରୀଗୁଡ଼ିକର ଠିକ୍ ପୁନରୁଦ୍ଧାର ଓ ଉଚିତ୍ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ପୋତି ହେବାକୁ ବସିଥିବା ବେଳେ ପାଣି ମଧ ଦୂଷିତ ହେଉଛି।

ମହାନଗର ନିଗମ ୩୧ ନମ୍ବର ୱାର୍ଡ ଅନ୍ତର୍ଗତ କମାପଲୀ ପୋଖରୀ ହେଉଛି ଏହାର ଉଦାହରଣ। ସହରରେ ହାତଗଣତି ବଡ଼ ପୋଖରୀ ମଧ୍ୟରୁ ଏହା ଗୋଟିଏ। କିନ୍ତୁ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ଓ ଉଚିତ୍ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହା ଆବର୍ଜନା,ଗଛଲତା ମଧ୍ୟରେ ଆବଦ୍ଧ ହୋଇ ପୋତି ହେବାକୁ ବସିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ବାସିନ୍ଦା ହଇରାଣ ହେଉଛନ୍ତି। ଏହି ପୋଖରୀ ଉପରେ ୩୧ ନମ୍ବର ୱାର୍ଡ଼ ସମେତ ୨୮, ୨୯,୩୦, ୩୨ ଓ ୩୪ ନମ୍ବର ୱାର୍ଡ଼ ବାସିନ୍ଦା ନିର୍ଭର କରନ୍ତି। କିନ୍ତୁ ଦୀର୍ଘ ଦିନ ଧରି ପୋଖରୀ ମଧ୍ୟରେ ପଡ଼ି ରହିଥିବା ଅଳିଆ ଆବର୍ଜନା ନିଷ୍କାସନ କରା ନ ଯିବାରୁ ପାଣି ଦୂଷିତ ହେବାକୁ ବସିଛି।

ମିଳିଥିବା ସୂଚନା ମୁତାବକ, ୨୦୧୨ରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ହୋଇଥିଲା। କିନ୍ତୁ ଆଖିଦୃଷ୍ଟିଆ କାର୍ଯ୍ୟ ହୋଇ ନ ଥିବା ଏବଂ ଏଥିରେ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୋଖରୀ ମଧ୍ୟରେ ଅଳିଆ ଆବର୍ଜନା ପଡ଼ି ରହିଥିବାରୁ ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସାଙ୍ଗକୁ ସେଠାରେ ପୂତିଗନ୍ଧମୟ


ପୋଖରୀ ମଧ୍ୟରେ ପଡ଼ି ରହିଥିବା ଅଳିଆ ଆବର୍ଜନା।

ପରିବେଶ ସୃଷ୍ଟି ହୋଇଛି। ପୋଖରୀ ପାଣି ଦୂଷିତ ହେବାରୁ ଗାଧୋଇବା ପାଇଁ ଆସୁଥିବା ଲୋକେ ନାନା ଚର୍ମ ରୋଗର ଶିକାର ହେଉଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଏହି ପୋଖରୀ କୂଳରେ ଶୁଦ୍ଧିକ୍ରିୟା କାର୍ଯ୍ୟ ମଧ ହେଉଛି। କିନ୍ତୁ ସେଥି ନିମନ୍ତେ ଉଚିତ ସ୍ଥାନାଭାବ ଓ ପରିଷ୍କାର ପରିଚ୍ଛନ୍ନତା ନ ଥିବାରୁ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ପୋଖରୀର ସୌନ୍ଦର୍ଯ୍ୟକରଣ ନିମନ୍ତେ ୨୦୧୩ ରେ ୧୬ ଲକ୍ଷ ୧୪ ହଜାର ୭୯୭ ଟଙ୍କା ବ୍ୟୟ କରାଯାଇଥିଲା, ଯେଉଁଥିରେ ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଛି। କିନ୍ତୁ ସର୍ବସାଧାରଣଙ୍କ ନିମନ୍ତେ ପାଦ ଚଲା ରାସ୍ତା ଅଦ୍ୟାବିଧି ନିର୍ମାଣ ହୋଇପାରି ନାହିଁ। ଅନ୍ୟପଟେ ସର୍ବସାଧାରଣ ନିମନ୍ତେ ପୋଖରୀ ପାର୍ଶ୍ୱରେ ବ୍ୟାୟାମ ଉପକରଣ ରହିଛି, କିନ୍ତୁ ପରିଷ୍କାର ପରିଚ୍ଛନ୍ନତା ନ ଥିବାରୁ ଏଗୁଡ଼ିକ ସାଧାରଣରେ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ପୋଖରୀ ଚତୁଃପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ମଧ ଅନେକ ସମୟରେ ଜଳୁ ନ ଥିବାରୁ ସଞ୍ଜ ନଇଁଲେ ବହୁ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟୁଛି।

ଏ ନେଇ ୩୧ ନମ୍ବର ୱାର୍ଡ଼ର ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କ ସହ ଯୋଗାଯୋଗ କରିବାରୁ ପୋଖରୀ ପୁନରୁଦ୍ଧାର ନିମନ୍ତେ ବିଏମ୍‌ସି ପାଖରେ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ସ୍ଥାନୀୟ ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ମହିଳାଙ୍କୁ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ଶେରଗଡ,୨୮।୧୨(ଡି.ଏନ୍.ଏ.)

ଶେରଗଡ ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଭଗବାନ ପ୍ରଧାନ। ଏ ନେଇ ନଂ.୧୬୧/୨୦ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶେରଗଡ଼ ଥାନାଅଧିକାରୀ ରମେଶଚନ୍ଦ୍ର ଦାସ କହନ୍ତି।

ପ୍ରକାଶ ଯେ, ମହିଳା ଜଣଙ୍କ ବିବାହ କରି ସାରିଥିଲେ। କୌଣସି କାରଣରୁ ତାଙ୍କର ବିବାହ ବିଚ୍ଛେଦ ହୋଇଥିଲା। ପୂର୍ବରୁ ପ୍ରେମ ସମ୍ପର୍କ ଥିବାରୁ ଭଗବାନ ତାଙ୍କୁ ତାଙ୍କୁ ପୁଣି ବିବାହ କରିବେ କହି ନିଜ ପାଖରେ ରଖିଥିଲେ। ପରେ ମହିଳାଙ୍କୁ ସେ ପ୍ରତାରିତ କରିଥିଲେ। ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରଲ କରିବା ସହ ଭଗବାନ ନିର୍ଯାତନା ଦେଉଛନ୍ତି ବୋଲି ରବିବାର ସନ୍ଧ୍ୟାରେ ମହିଳା ଜଣଙ୍କ ଥାନାରେ ଏତାଲା ଦେଇଥିଲେ।

# କଳାବ୍ୟାଜ୍ ପିନ୍ଧିଲେ ନର୍ସିଂ ଅଫିସର



ନର୍ସିଂ ଅଫିସରଙ୍କ ବିକ୍ଷୋଭ।

ବ୍ରହ୍ମପୁର ଅଫିସ,୨୮।୧୨

**ଗ୍ରୁପ୍ ବି ମାନ୍ୟତା ଦାବିରେ ଏମ୍‌କେସିଜିରେ ବିକ୍ଷୋଭ**

ଚାରି ଦଫା ଦାବିନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଷ୍ଟାଫ୍ ନର୍ସିଂ ଅଫିସର। ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଡାକରାରେ ରବିବାରଠାରୁ ଏମ୍‌କେସିଜି ଶାଖାର ସମସ୍ତ ନର୍ସ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିଲେ। ସୋମବାର ସମସ୍ତ ଷ୍ଟାଫ୍ ନର୍ସିଂ ଅଫିସର ଏମ୍‌କେସିଜି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କଳାବ୍ୟାଜ୍ ପରିଧାନ କରି ନର୍ସମାନେ ସ୍ୱାସ୍ଥ୍ୟସେବା ଜାରି ରଖିଥିଲେ। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ ପରେ ସରକାର ନ ଶୁଣିଲେ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଟୋକନ୍ ଷ୍ଟ୍ରାଇକ୍ କରିବେ ବୋଲି ସଂଘ ଶାଖା ପକ୍ଷରୁ କୁହାଯାଇଛି। ନର୍ସଙ୍କୁ ଗ୍ରୁପ ବି ମାନ୍ୟତା ସହ ମୂଳ ଦରମା ୯,୩୦୦ ସହ ୪,୨୦୦ ଗ୍ରେଡ୍ ପେ ପ୍ରଦାନ ପାଇଁ ଦାବି କରାଯାଇଛି। ଏନେଇ ଏମ୍‌କେସିଜି ଷ୍ଟାଫ୍ ନର୍ସିଂ ଅଫିସର ସଂଘ ସଭାନେତ୍ରୀ କନକଲତା ଦାସ କୁହନ୍ତି, ନର୍ସମାନେ କରୋନା ଭଳି ଭୟଙ୍କର ମହାମାରୀ ଠାରୁ ଆରମ୍ଭ କରି ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସିଛନ୍ତି। ହେଲେ ଏହି କରୋନା ଯୋଧାମାନଙ୍କ ସମସ୍ୟା କଥା ସରକାର ବୁଝୁନାହାନ୍ତି ବୋଲି ସେ କହିଛନ୍ତି। ମୂଳ ଦରମାର ସଂଶୋଧନଠାରୁ ଆରମ୍ଭ କରି ଠିକା ନିଯୁକ୍ତିକୁ ମିଶାଇ ୧୦ ବର୍ଷର ମଡିଫାଇଡ୍ ଆସିୟୋର୍ଡ୍ କ୍ୟାରିଅର ପ୍ରୋଗ୍ରେସିଂ (ଏମ୍ଏସିପି) ପ୍ରଦାନ, ନର୍ସିଂ ସ୍କିମ୍‌ରେ କାମ କରୁଥିବା ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଷ୍ଟାଫ୍ ନର୍ସମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ପ୍ରଭୃତି ଦାବି ରହିଥିବା ସେ କହିଛନ୍ତି। ସରକାର ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ବାଧ ହୋଇ ସଂଘ ଆନ୍ଦୋଳନକୁ ଆପଣେଇଛି ବୋଲି ସେ କହିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜିର ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଯୁଗ୍ମ ସମ୍ପାଦିକା ସୁପ୍ରଭା ବେହୁରା, କୋଷାଧକ୍ଷ ସୁଜାତା ମହାପାତ୍ର, ବିକ୍ରମ ଜେନା, ମହେନ୍ଦ୍ର ଗମାଙ୍ଗ ପ୍ରମୁଖ ସାମିଲ ଥିଲେ।

### ବାଇକ୍ ଶୋରୁମରୁ ଚୋରି ଘଟଣା ପୋଲିସ କବ୍‌ଜାରେ ୩ ଏରଗୁଲା

ବ୍ରହ୍ମପୁର ଅଫିସ,୨୮।୧୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଏକ ବାଇକ୍ ଶୋରୁମ ଚୋରି ଘଟଣାରେ ୩ ଜଣିଆ ଏରଗୁଲା ଗ୍ୟାଙ୍ଗକୁ ସୋମବାର ଧରିଛି। ସେମାନେ ୩ ଭାଇ। ସେଥିମଧ୍ୟରେ ୨ଜଣ ନାବାଳକ। ପୋଲିସ ମାମଲା ନମ୍ବର ୨୯୯/୨୦ରେ ୨ ନାବାଳକଙ୍କୁ ସୋମବାର ଜେଜେବିରେ ହାଜର କରିଛି। ପ୍ରତ୍ୟେକ ନାବାଳକଙ୍କ ନିକଟରୁ ଚୋରି ଟଙ୍କା ମଧ୍ୟରୁ ୧୫ହଜାର ଲେଖାଏ ୩୦ହଜାର ଜବତ କରିଥିବା କହିଛି। ଜେଜେବିଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଅନ୍ୟପଟେ ଥାନାରେ ଥିବା ଅନ୍ୟ ଜଣଙ୍କୁ ପୋଲିସ ପଚରାଉଚରା ଚଳାଇଛି। ଖୋଡାସିଙ୍ଗିରେ ଥିବା ବାଇକ୍ ଶୋରୁମରୁ ଗତ ୧୯ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ୨୦ ତାରିଖରେ ମାଲିକ ପାର୍ଥ ପାଢ଼ୀ ଶୋରୁମ କ୍ୟାଶ୍ କାଉଣ୍ଟରରୁ ୩ଲକ୍ଷ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଅଭିଯୁକ୍ତଙ୍କୁ ଧରିଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।

# ଦୁର୍ନୀତି ନେଇ ଭାଜପାର ପ୍ରତିବାଦ ଶୋଭାଯାତ୍ରା


ଖଲ୍ଲିକୋଟ ବ୍ଲକ ସମ୍ମୁଖରେ ଭାଜପାର ପ୍ରତିବାଦ।

ଖଲ୍ଲିକୋଟ/ ଜି.ଉଦୟଗିରି, ୨୮।୧୨(ଡି.ଏନ.ଏ.)

କେନ୍ଦ୍ରୀୟ ଯୋଜନା ରାଜ୍ୟ ସରକାରଙ୍କ ନାଁରେ ନାମିତ ହୋଇଥିବାରୁ ସାରା ରାଜ୍ୟରେ ଭାଜପା କର୍ମୀ ପ୍ରତିବାଦ କରିଛନ୍ତି। ଖଲ୍ଲିକୋଟ ବ୍ଲକରେ ମଧ ଏଭଳି ଦୁର୍ନୀତି ହୋଇଥିବା ଅଭିଯୋଗ କରି ସୋମବାର ସ୍ଥାନୀୟ ଭାଜପା ନେତୃବୃନ୍ଦ ଓ କର୍ମୀ ପ୍ରତିବାଦ ଜଣାଇଥିଲେ। ବ୍ଲକ ଆଗରେ ପ୍ରତିବାଦ ସଭାରେ ଭାଜପା ଜିଲା ଉପସଭାପତି ଅନିଲ ପଣ୍ଡା, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ରମେଶ ପରିଡ଼ା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ସୁରେନ୍ଦ୍ର ନାଥ ସାହୁ, ସରପଞ୍ଚ ଚିତ୍ରସେନ ଘୋଷ, ସୁଦାମ ନାହାକ, ଯୁବମୋର୍ଚ୍ଚା ମନମୋହନ ମହାପାତ୍ର, ଖଲ୍ଲିକୋଟ ଏନ୍ଏସି ସଭ୍ୟ ମନୋଜ ସାହ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେହିପରି କନ୍ଧମାଳ ଜିଲା ଜି.ଉଦୟଗିରରେ ନଗର ଏବଂ ଗ୍ରାମୀଣ ଭାଜପା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ହୋଇଥିଲା। ଭାଜପା ନେତା ଓ କର୍ମୀ ବିଡିଓ ବିଜୟ କୁମାର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ନଗର ସଭାପତି ଉଦେସେନ ପ୍ରଧାନ, ଗ୍ରାମୀଣ ସଭାପତି ମାୟାଧର ପ୍ରଧାନ, ଜିଲାଉପସଭାପତି ମାନଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶୋଭାଯାତ୍ରାରେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଅର୍ଚ୍ଚନା ପ୍ରଧାନଙ୍କ ସମେତ ବରିଷ୍ଠ ନେତା ବସନ୍ତ ପ୍ରଧାନ, ଜ୍ଞାନ ଚନ୍ଦ୍ର ପ୍ରଧାନ, ଅମର ସିଂ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ପିଡିଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ବେଗୁନିଆପଡା, ୨୮।୧୨(ଡି.ଏନ୍.ଏ.)

ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ସୋମବାର ବେଗୁନିଆପଡା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ ଯୋଜନା ଆଦିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ବଡ ଖଇରଖମା, ସାନ ଉସ୍ତାପଡ଼ା ଓ ବେରୁହାଁ ବାଡି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଧିମା ହୋଇଥିବା ଜାଣି କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ଉକ୍ତ କାର୍ଯ୍ୟ ଅଗ୍ରଗତି ନ ହେଲେ ସମ୍ପୃକ୍ତ ଅଧିକାରୀମାନଙ୍କୁ ବହିଷ୍କାର କରିବା ପାଇଁ ପଦକ୍ଷେପ ନେବାକୁ ବିଡିଓଙ୍କୁ କହିଥିଲେ। ଏହାପରେ ସୁମଣ୍ଡଳ ପଞ୍ଚାୟତ ଯାଇ ମୋ ଉପକାରୀ ବଗିଚା ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ବେଦବର ପ୍ରଧାନ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ଜିପିଇଓ ଅଶୋକ କୁମାର ଜେନା ଉପସ୍ଥିତ ଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କଲେ ବିଧାୟକ

ପୋଲସରା,୨୮।୧୨(ଡି.ଏନ.ଏ.)

ପୋଲସରା ବ୍ଲକ ହାତିଓଟ ଗ୍ରାମରେ ସୋମବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରି ଚାଷୀମାନେ କିଭଳି ଲାଭବାନ ହେବେ ସେ ନେଇ ବୁଝାଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଓଡିଶା ମିଲେଟ୍ସ ମିଶନ ଜରିଆରେ ଚାଷୀଙ୍କ ଠାରୁ ସରକାର ସିଧାସଳଖ ମଣ୍ଡି ଜରିଆରେ ମାଣ୍ଡିଆ କ୍ରୟ କରିବା, ମାଣ୍ଡିଆ କୁଇଣ୍ଟାଲ ପିଛା ୩୨୯୫ ଟଙ୍କା ରହିଛି। ଗଞ୍ଜାମ ଜିଲାରୁ ୫ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଉପସ୍ଥିତ ଅତିଥିବୃନ୍ଦ।

# ବିକାଶ ମଞ୍ଚ ପକ୍ଷରୁ ଆର୍‌ଡିସିଙ୍କୁ ସ୍ମାରକପତ୍ର



ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ବ୍ରହ୍ମପୁର ଅଫିସ,୨୮।୧୨

**ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଦାବି**

ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ଗଞ୍ଜାମ ଜିଲା ବିକାଶ ମଞ୍ଚ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାରେ ଆଇଆର୍‌ଇ, ଏସ୍‌ଇଜେଡ୍, ଆଇଜର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଆର୍ମିଏଡି କଲେଜ ଆଦି ଶିକ୍ଷାନୁଷ୍ଠାନ ଥାଇ ମଧ ବିମାନ ବନ୍ଦର ପ୍ରତିଷ୍ଠା କ୍ଷେତ୍ରରେ ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିସ କରୁ ନ ଥିବା ନେଇ ମଞ୍ଚ କ୍ଷୋଭ ପ୍ରକାଶ କରିଛି। ଏଥିସହ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଶୀତଳାପଲ୍ଲୀଠାରେ ବିମାନ ବନ୍ଦର ପ୍ରତିଷ୍ଠା ନିମନ୍ତେ ଚିହ୍ନଟ ହୋଇଥିବା ୮୦ ଏକର ଜାଗାରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ମଞ୍ଚ ଦାବି କରିଛି। ବିମାନ ବନ୍ଦର ପ୍ରତିଷ୍ଠା ହେଲେ ଗଞ୍ଜାମ ଜିଲାର ୫୦ ଲକ୍ଷ ଲୋକ ଉପକୃତ ହେବେ ବୋଲି ମଞ୍ଚ କହିଛି। ଯଦି ଏକମାସ ମଧ୍ୟରେ ଦାବିପୂରଣ ନ ହୁଏ ମଞ୍ଚ ପକ୍ଷରୁ ବିଭିନ୍ନ ଗଣ ସଙ୍ଗଠନ ଓ ରାଜନୈତିକ ଦଳ ଏକତ୍ରିତ ହୋଇ ବୃହତର ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରଣବ ପଣ୍ଡା, ଉପଦେଷ୍ଟା ଶିବ ମିଶ୍ର, ଉପସଭାପତି ପ୍ରଦୀପ ସାହୁଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସମାନ୍ତରାଳ ବୈଠକ ନେଇ ରାଜନୈତିକ ଚର୍ଚ୍ଚା

ବ୍ରହ୍ମପୁର ଅଫିସ,୨୮।୧୨

ବ୍ରହ୍ମପୁରରେ କଂଗ୍ରେସର ଦୁଇ ଗୋଷ୍ଠୀ ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ପୃଥକ୍ ଭାବେ ସୋମବାର ପାଳିତ ହୋଇଥିଲା। ସାନଖେମୁଣ୍ଡି ବିଧାୟକ ତଥା ଗଞ୍ଜାମ ଜିଲା କଂଗ୍ରେସ ସଭାପତି ରମେଶ ଜେନାଙ୍କ ସମର୍ଥକଙ୍କ ପକ୍ଷରୁ ବାପୁଜୀ ଆଶ୍ରମରେ ପାଳନ କରାଯାଇଥିବା ବେଳେ ୨୦୧୯ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା କଂଗ୍ରେସ ପାର୍ଥୀ ଭି.ଚନ୍ଦ୍ରଶେଖର ନାଇଡୁଙ୍କ ସମର୍ଥକଙ୍କ ଦ୍ୱାରା ଅନ୍ୟ ଗୋଟିଏ ସ୍ଥାନରେ ପ୍ରତିଷ୍ଠା ଦିବସ ହୋଇଥିଲା। ଜିଲାରେ ସର୍ବ ପୁରାତନ ଦଳ କଂଗ୍ରେସ ସଂଗଠନ ଭୁଶୁଡ଼ି ଯାଇଥିବା ବେଳେ ସମାନ୍ତରାଳ ପ୍ରତିଷ୍ଠା ଦିବସ ପାଳନ ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ଦୁଇଟି ଯାକ ସମାବେଶରେ ଜଣାଶୁଣା ପୁରୁଖା ନେତା ଓ କର୍ମୀଙ୍କ ଦେଖାନଥିଲା।

ବିଜିପୁର ପୋଖରୀ ପାର୍ଶ୍ୱ ଏକ ଆପାର୍ଟମେଣ୍ଟ ପରିସରରେ ଆୟୋଜିତ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ କଂଗ୍ରେସ କୃଷକ ସେଲ ଜିଲା ସଭାପତି ବୃନ୍ଦାବନ ଖଟେଇ ଅଧ୍ୟକ୍ଷତା କରିଥିଲେ। ଚନ୍ଦ୍ରଶେଖର ନାଇଡୁ ଦଳର ପ୍ରତିଷ୍ଠା ଦିବସ ନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବରାମ ପାତ୍ର, ବ୍ରହ୍ମପୁର ଲୋକସଭା ଜୋନ୍ ଯୁବ କଂଗ୍ରେସ

**କଂଗ୍ରେସର ଦୁଇ ଗୋଷ୍ଠୀ ପାଳିଲେ ପ୍ରତିଷ୍ଠା ଦିବସ**

ସଭାପତି ବିଜୟରାଜ ପାଣିଗ୍ରାହୀ, ଯୋଗୀ ବେହେରା, ପଦ୍ମ ଚରଣ ସାହୁ, ସେବା ଦଳର କିଶୋର କପୁର, ତତ୍‌ସତ ସୁବୁଦ୍ଧି, ପତିତପାବନ ଗନ୍ତାୟତ, ଜଗନ୍ନାଥ ପୋଲାଇ ଓ ରୁଦ୍ର ପ୍ରସାଦ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ନବ ନିଯୁକ୍ତ ଯୁବ କଂଗ୍ରେସ ସଭାପତି ବିଜୟ ରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅପରପକ୍ଷରେ ଜିଲା କଂଗ୍ରେସ ସଭାପତି ସମର୍ଥକଙ୍କ ପକ୍ଷରୁ ବାପୁଜୀ ଆଶ୍ରମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗତ ସାଧାରଣ ନିର୍ବାଚନରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ହୋଇଥିବା ଧର୍ମା ରେଡ୍ଡୀ, ଚିକିଟି ବିଧାୟକ ପ୍ରାର୍ଥୀ ସୁବାସ ରାଉତ, ଯୁବ କଂଗ୍ରେସ ନେତା ଚିନ୍ମୟ କୁମାର ହୋତାଙ୍କ ସମେତ ଅବନୀ ଶତପଥୀ ପ୍ରମୁଖ ଏବଂ ମହିଳା କର୍ମୀମାନେ ଯୋଗ ଦେଇଥିଲେ। ସଭା ପୂର୍ବରୁ ବହୁ ସଂଖ୍ୟକ ଯୁବ କର୍ମୀ ବାଇକ୍ ଶୋଭାଯାତ୍ରାରେ କେତେକ ଅଞ୍ଚଳ ପରିକ୍ରମା କରିଥିଲେ। କଂଗ୍ରେସ ଦଳ ଓ ଜିଲା ସଭାପତିଙ୍କ ସପକ୍ଷରେ ସ୍ଲୋଗାନ ଦିଆଯାଇଥିଲା। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟାକ୍ଷ କରାଯାଇଥିଲା।



ଜିଲା କଂଗ୍ରେସ ସଭାପତିଙ୍କ ସମର୍ଥକ ।



ଚନ୍ଦ୍ରଶେଖର ନାଇଡୁ ସମର୍ଥକଙ୍କ ବୈଠକ ।

**ସଂକ୍ଷେପରେ**

## ରାମମନ୍ଦିର ନିର୍ମାଣ ସମନ୍ୱୟ ବୈଠକ

**ସୋରଡ଼ା,୨୮।୧୨(ଡି.ଏନ୍.ଏ.):** ଅଯୋଧାରେ ରାମ ମନ୍ଦିର ନିର୍ମାଣ ପାଇଁ ପ୍ରତ୍ୟେକଙ୍କ ସହଯୋଗର ଆବଶ୍ୟକତା ରହିଛି। ଏ ନେଇ ସୋରଡ଼ାରେ ରବିବାର ଏକ ରାମନ୍ଦିର ନିର୍ମାଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଜରଙ୍ଗଦଳର ଅମ୍ବିକା ଦାସ, ସଞ୍ଜୟ ପ୍ରଧାନ, ବିଶ୍ୱହିନ୍ଦୁ ପରିଷଦର ଭଗବାନ ପଣ୍ଡା, ଶିଶିର ଦାସ, ଆର୍‌ଏସ୍‌ଏସ୍‌ର ଅରୁଣ କୁମାର ନାୟକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଆସନ୍ତା ଜାନୁୟାରୀ ୧୫ରୁ ଫେବୃୟାରୀ ୨୭ ତାରିଖ ମଧରେ ସୋରଡ଼ା ବ୍ଲକର ୨୬ ପଞ୍ଚାୟତକୁ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତା ଯିବେ। ଏଥିପାଇଁ ୧୦ ଟଙ୍କା,୧୦୦ ଟଙ୍କା,୧୦୦୦ ଟଙ୍କିଆ ଦାନ ସଂଗ୍ରହ ଛାପା ରସିଦ ସର୍ବ ଭାରତୀୟ ସ୍ତରରୁ ଆସି ପହଞ୍ଚିବ। ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ଟୋଲି ସୋରଡ଼ା ଗଠନ ହେବ। ସେମାନେ ଦାନ ଅର୍ଥ ରସିଦ ମାଧମରେ ସଂଗ୍ରହ କରିବେ ବୋଲି ବୈଠକରେ ସ୍ଥିର ହୋଇଛି।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ଦିଗପହଣ୍ଡି,୨୮।୧୨(ଡି.ଏନ.ଏ.):** ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲର ୧୯୭୯ ଏକାଦଶ ଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଘୋଡ଼ାହାଡ଼ ଡ୍ୟାମ ଡାକବଙ୍ଗଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରମାନେ ଦୀର୍ଘ ୪୧ ବର୍ଷ ପରେ ଏକତ୍ରିତ ହୋଇ ପାରିଥିବାରୁ ସେମାନେ ଅତୀତର ସ୍ମୃତିଗୁଡ଼ିକୁ ମନେ ପକାଇବା ସହ ଅସହାୟ ଲୋକଙ୍କୁ ସହାୟତା ଯୋଗାଇବା ନେଇ ନିଷ୍ପତ୍ତି ନେଇଥିଲେ। ଏଥିରେ ପ୍ରକାଶ ପାଣିଗ୍ରାହୀ, ଗୌରାଙ୍ଗ ସାହୁ, ଅରୁଣ କୁମାର ସାହୁ, ମାଧବ ରାଓ, ରବି ପାଣିଗ୍ରାହୀ, ରଞ୍ଜିତ ପଟ୍ଟନାୟକ, ପ୍ରସନ୍ନ ସାମନ୍ତ, ବସନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦିଗପହଣ୍ଡିର ନୀଳକଣ୍ଠେଶ୍ୱର ଶୈବ ପୀଠରେ ବଡ଼ଖେମୁଣ୍ଡି ହାଇସ୍କୁଲ ୧୯୯୫ ମାଟ୍ରିକ ଛାତ୍ରମାନଙ୍କ ପକ୍ଷରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅମୂଲ୍ୟ ରଥ, ଏମ୍. ସୁଦର୍ଶନ, ପ୍ରକାଶ ପ୍ରଧାନ, ଏ. ରବି, ବାଳକୃଷ୍ଣ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ସମିତିର ସ୍ୱନକ୍ଷତ୍ର ଦିବସ

**ହିଞ୍ଜିଳିକାଟୁ,୨୮।୧୨(ଡି.ଏନ୍.ଏ.):** ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଆ ଭାଷା ସାହିତ୍ୟ ସମିତିର ଦଶମ ସ୍ୱନକ୍ଷତ୍ର ଦିବସ ରବିବାର ହିଞ୍ଜିଳିକାଟୁ ବସ୍‌ଷ୍ଟାଣ୍ଡଠାରେ ପାଳିତ ହୋଇଯାଇଛି। ସମିତିର ସଭାପତି ଆକାଶ ପଟ୍ଟନାୟକଙ୍କ ଅଧକ୍ଷତାରେ କବିତା ପାଠୋତ୍ସବରେ ଅବସରପ୍ରାପ୍ତ ଅଧାପକ ଅରବିନ୍ଦ ପଣ୍ଡା, ମହୁରୀ ସାହିତ୍ୟ ସଂସଦ, କୁକୁ ସଭାପତି ଶତ୍ରୁଘ୍ନ ମହାରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ଚୌଧୁରୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏବଂ ଅଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ସ୍ତରରେ ସଭାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ରହ୍ମକୁମାର ନିତ୍ୟାନନ୍ଦ ସାହୁ, ଉପସଭାନେତ୍ରୀ ରୀତାଞ୍ଜଳି ମିଶ୍ର ଏବଂ ସୌଜନ୍ୟ ସମ୍ପାଦକ ଚିନ୍ମୟ ରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ସାହିତ୍ୟିକ ଶତ୍ରୁଘ୍ନ ମହାରଣାଙ୍କ ଦ୍ୱାରା ରଚିତ 'ଶ୍ରୀକ୍ଷେତ୍ର' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଚିକିଟି ନିର୍ବାଚନମଣ୍ଡଳୀ ସମସ୍ୟା ସମାଧାନ ଦାବି

### ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ଛତ୍ରପୁର,୨୮।୧୨(ଡି.ଏନ.ଏ.)**

ଚିକିଟି ନିର୍ବାଚନମଣ୍ଡଳୀ ଅଧୀନ ଚିକିଟି ଓ ପାତ୍ରପୁର ବ୍ଲକର ବିଭିନ୍ନ ସମସ୍ୟା ନେଇ ଭାଜପା ନେତା ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ସୋମବାର ଛତ୍ରପୁରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପାତ୍ରପୁର ବ୍ଲକ ବରଙ୍ଗ ପଞ୍ଚାୟତ ପିତାମ୍ବରପୁର ଗାଁରେ ମରୁଡ଼ି ଦେଖାଦେଇଛି । ଫଳରେ ଧାନଚାଷ ହୋଇପାରିନି। ଗାଁର ସମସ୍ତ ପରିବାର ଆଦିବାସୀ ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି। ବଡବନ୍ଧର ପୁନରୁଦ୍ଧାର ପାଇଁ ଦାବି ହୋଇଛି। ସେହିପରି ଗୋପାଳପଲ୍ଲୀ ଗାଁର ବିପିଏଲ ପରିବାର ପକ୍ଷରୁ ମରୁଡି ଘୋଷଣା ଦାବି ନେଇ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ସେଠାରେ ବର୍ଷା ପରିମାଣ କମ୍ ହୋଇଥିବାରୁ ଧାନରୁଆ ହୋଇନି । ଗୋପାଳପଲ୍ଲୀରେ ୧୬୦ ବିପିଏଲ ପରିବାର ବସବାସ କରୁଛନ୍ତି। ଗାଁରେ ପାନୀୟ ଜଳ ଅଭାବ ରହିଛି । ଏକ ଓଭରହେଡ ଟ୍ୟାଙ୍କ ବ୍ୟବସ୍ଥା କରି ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ଅନୁରୋଧ କରଛନ୍ତି ଗ୍ରାମବାସୀ। ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାରେ ସାମିଲ କରି ଧାନବାଡ-ଗଡଙ୍ଗ, ଗଡଙ୍ଗ-ଗାଇଡା, ଗାଇଡା-ଧୋବାଲିଙ୍ଗି, ଧୋବାଲିଙ୍ଗି-କୁରୁଗଡ, ଆଙ୍କୁଲି-କୁରୁଗଡ ରାସ୍ତାର ଉନ୍ନତୀକରଣ ପାଇଁ ଦାବି କରାଯାଇଛି। ପି. କୁରମେୟା, ମାଧେୟା ସେଠୀ, ଡି ଯୁଧିଷ୍ଠି, ଏସ୍. ତାରକେଶ୍ୱର ରାଓ, ଲିମା ନାୟକ, ସନାତନ ବିଷୋୟୀ, ଦୀନବନ୍ଧୁ ନାୟକ ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଲୋକେ।

# ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତା ଜରୁରୀ: ବିକ୍ରମ

**ବୁଗୁଡ଼ା,୨୮।୧୨(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳରେ ରବିବାର ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଭବିଷ୍ୟତ ପିଢ଼ିର ସୁରକ୍ଷା ସହ ଆମ ସମସ୍ତଙ୍କ ସୁସ୍ଥ ନିରାମୟ ଜୀବନ ଯାପନ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବା ଜରୁରୀ ବୋଲି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସତ୍ୟ ନାରାୟଣ ବେହୁରାଙ୍କ ତତ୍ତ୍ୱାବଧାନ ଏବଂ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ପରିଚାଳନାରେ ପରିବେଶ ଅଧୟନ କେନ୍ଦ୍ର ଓ ପରିବେଶ ବିଭାଗ ପକ୍ଷରୁ ପ୍ରଥମେ ଚଢ଼ିଆପଲ୍ଲୀ ଏବଂ ବୁଡୁରୁଙ୍ଗୁ ପଞ୍ଚାୟତରେ ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ମନ୍ତ୍ରୀ ଆରୁଖ ଏଥିରେ ଯୋଗଦେଇ ଚାଙ୍ଗରାସାହି କୋଠାଘର ଉଦ୍‌ଘାଟନ କରିବା ସହ ଚଢ଼ିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରିଥିଲେ। ଏଥିସହ ଉକ୍ତ ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ସହ ମାସ୍କ, ସାନିଟାଇଜର ଓ ସଚେତନ ପତ୍ରିକା ବଣ୍ଟନ କରିଥିଲେ। ପରେ ସ୍ଥାନୀୟ ବନାଞ୍ଚଳ ଶିଶୁଣ୍ଡା ଖେଳ ପଡ଼ିଆରେ ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମନ୍ତ୍ରୀ ଚାରା ରୋପଣ କରିବା ସହ ଏକ ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନ କରିଥିଲେ। ଏଥିସହ କରୋନା ମୁକାବିଲା ପାଇଁ କଟକଣା ମାନିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବହୁ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରିଥିଲେ। ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ସଭାପତିତ୍ୱ କରିଥିବା ବେଳେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ ପ୍ରସାଦ ଦଳାଇ, ଜଗନ୍ନାଥପ୍ରସାଦ ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ଉପାଧକ୍ଷ ହିମାଂଶୁ ଶେଖର ବାରିକ, ଶୂଳପାଣି ଶତପଥୀ, ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ସହାୟତା



ଜିଲାପାଳ ଚେକ୍ ପ୍ରଦାନ କରୁଛନ୍ତି।

**ଛତ୍ରପୁର,୨୮।୧୨(ଡି.ଏନ୍.ଏ.)**

କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା କୋଭିଡ୍ ଯୋଦ୍ଧାମାନଙ୍କର କାର୍ଯ୍ୟଧାରା ସବୁଦିନ ପାଇଁ ମନେ ରହିବ। ଓଡିଶାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ଫଳରେ ମୃତ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଲେଖାଏ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି ବୋଲି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅବଗତ କରାଇଛନ୍ତି। ସୋମବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷଠାରେ ଜିଲାର ମୃତ କରୋନା ଯୋଦ୍ଧା ପରିବାରକୁ ଜିଲାପାଳ ୫୦ଲକ୍ଷ ଲେଖାଏର ସହାୟତା ରାଶିର ଚେକ୍ ପ୍ରଦାନ କରିଥିଲେ । ପଞ୍ଚାୟତିରାଜ ବିଭାଗ ଦ୍ୱାରା ଧରାକୋଟ ବ୍ଲକର ପୂର୍ବତନ କନିଷ୍ଠଯନ୍ତ୍ରୀ ସ୍ୱର୍ଗତ ପି. ସୁରେଶ କୁମାରଙ୍କ ସ୍ତ୍ରୀ ପି. କୁସୁମା କୁମାରୀ, ବେଲଗୁଣ୍ଠା ବ୍ଲକ ଧୁମୁଛାଇ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ସ୍ୱର୍ଗତ ମନୋଜ କୁମାର ପ୍ରଧାନଙ୍କ ସ୍ତ୍ରୀ ସୁନୀତା ପ୍ରଧାନ, ବୁଗୁଡା ବ୍ଲକ ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱର୍ଗତ ଶେଷଦେବ ବେହେରାଙ୍କ ସ୍ତ୍ରୀ ରଶ୍ମୀବାଳା ବେହେରା, ବେଲଗୁଣ୍ଠା ବ୍ଲକ ପୂର୍ବତନ ଟେକ୍ନିସିଆନ ସ୍ୱର୍ଗତ ସଞ୍ଜିବ କୁମାର ସ୍ୱାଇଁଙ୍କ ସ୍ତ୍ରୀ ଲିଲିସ୍ୱାଇଁଙ୍କୁ ୫୦ ଲକ୍ଷ ଲେଖାଏର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଜିଲାର ମୃତ ୨୬ କରୋନା ଯୋଦ୍ଧାଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା । ଏପର୍ଯ୍ୟନ୍ତ ୨୨ ଜଣଙ୍କ ପରିବାର ବର୍ଗଙ୍କୁ ଆର୍ଥିକ ଅନୁଦାନ ଦିଆଯାଇଛି। ଆଗାମୀ ଦିନରେ ବଳକା ୪ କରୋନା ଯୋଦ୍ଧାଙ୍କ ପରିବାରକୁ ମଧ ଏପରି ସହାୟତା ଦିଆଯିବ । କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅମୀୟ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ରାୟ, ଜିଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସେଠିଆ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଅର୍ଥ ବିଭାଗ) ଲକ୍ଷ୍ମୀ ନୃସିଂହ ପାଣିଗ୍ରାହୀ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଯୋଗ ଦେଇଥିଲେ ।

## ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

**ଜି.ଉଦୟଗିରି,୨୮।୧୨(ଡି.ଏନ୍.ଏ.)**

ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାଗୃହରେ ରବିବାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋଜ କୁମାର ମହାପାତ୍ର, ଉପ ସଭାପତି ପ୍ରିୟବ୍ରତ ସାହୁ, ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟ, ସହ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, କୋଷାଧକ୍ଷ ଭାବେ ସଞ୍ଜୀବ କୁମାର ସୁବୁଦ୍ଧି, କାର୍ଯ୍ୟକାରିଣୀ ସଭ୍ୟ ଭାବେ ମାନସ ରଞ୍ଜନ ଦାଶ, ଚନ୍ଦନ ପାଣିଗ୍ରାହୀ, କୃଷ୍ଣମୂର୍ତ୍ତି ପାତ୍ର, ବି.ରାମେଶ୍ୱର ପାତ୍ର, ଉପଦେଷ୍ଟା ଭାବେ ବିନୋଦ ବିହାରୀ ଦାଶ, ସମୀର କୁମାର ପାଢ଼ୀଙ୍କୁ ମନୋନୀତ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ ରାଜେନ୍ଦ୍ର ମହାପାତ୍ର ଏବଂ ଚତୁର୍ଭୁଜ ସାହୁ ନିର୍ବାଚନ ପରିଚାଳନା କରିଥିଲେ। ସଂଘର ସଭାପତି ସମୀର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଦିଗପହଣ୍ଡିରେ ଧାନମଣ୍ଡି ଉଦ୍‌ଘାଟିତ

**ଦିଗପହଣ୍ଡି,୨୮।୧୨(ଡି.ଏନ.ଏ.)**

ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସମ୍ପାଦକ ସୁରେଶ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବରିଷ୍ଠ ଚାଷୀ ଏମ୍.ବାଇନାଥ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି ଅଶ୍ୱିନୀ କୁମାର ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରିକୃଷ୍ଣ ପଣ୍ଡା, ରାମଚନ୍ଦ୍ର ପୂଜାରୀ, କିଶୋର ଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ସରକାରୀ ଦରରେ ୧୫୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଏହି ଧାନ ମଣ୍ଡି ଖୋଲିବା ଦ୍ୱାରା ଦିଗପହଣ୍ଡି ସହରର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ ବୋଲି ଜଣାପଡିଛି। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ଟୋକନ ପାଇଥିବା ଚାଷୀ କିପରି ଠିକ୍ ସମୟରେ ମଣ୍ଡିରେ ଧାନ ପ୍ରଦାନ କରିବେ, ସେମାନଙ୍କ ପ୍ରାପ୍ୟ ଅର୍ଥରାଶି ଅନଲାଇନ୍ ଜରିଆରେ ବ୍ୟାଙ୍କ୍ ଜମାଖାତାକୁ କିଭଳି ଯିବ ସେ ନେଇ ଉପସ୍ଥିତ ଚାଷୀମାନଙ୍କୁ ସମବାୟ ସମିତି ସମ୍ପାଦକ କହିଥିଲେ।




ଚାଷୀମାନଙ୍କ ଉପସ୍ଥିତିରେ ଧାନମଣ୍ଡି ଉଦ୍‌ଘାଟନ।

# ଦାରିଙ୍ଗବାଡ଼ିରେ ବଢୁଛି ଶୀତ

**ଦାରିଙ୍ଗବାଡ଼ି,୨୮।୧୨(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଦିନକୁ ଦିନ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ଏଠାରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରହିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ଶୀତର ମଜା ନେବା ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି। ସମସ୍ତ ପର୍ଯ୍ୟଟନକେନ୍ଦ୍ରରେ ଭିଡ଼ ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଶୀତ ସହ ତୁଷାରପାତ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି । ଧନୀ ହେଉ କି ଗରିବ ସମସ୍ତେ ନିଆଁ ଚାରିପାଖେ ବସୁଥିବା ଦେଖାଯାଉଛି। ସ୍ଥାନୀୟ ବାସିନ୍ଦା ଧନେଶ୍ୱର ସାହୁ କହିଛନ୍ତି, ଅସହ୍ୟ ଶୀତ ସମୟରେ ଘରକୁ ବୁଲି ଆସୁଥିବା ବନ୍ଧୁ ପରିଜନଙ୍କୁ ନିଆଁପାଖେ ବସାଇ ଖୁସି କରାଯାଉଛି । ଏହି ପରମ୍ପରା ପୂର୍ବରୁ ରହି ଆସିଥିବା ବେଳେ ଏବେ ମଧ ଏହା ଚାଲିଥିବା ସେ କହିଛନ୍ତି।



ଶୀତରୁ ରକ୍ଷା ପାଇଁ ପରିବାର ଲୋକେ ନିଆଁ ଚାରିପାଖେ ବସିଛନ୍ତି।

## ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**କବିସୂର୍ଯ୍ୟନଗର,୨୮।୧୨**

ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ କବିସୂର୍ଯ୍ୟନଗର ପାଇକଯମୁନା ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଏହା ନିକଟରେ ଥିବା ବିଶ୍ରାମାଗାରର ଶୁଭ ଉଦ୍‌ଘାଟନ କରିଛନ୍ତି। ଦୀର୍ଘ ଦିନ ଉକ୍ତ ଗ୍ରାମରେ ଦେଖା ଦେଇଥିବା ପାନୀୟ ଜଳର ଅଭାବକୁ ଦୂର କରିବା ପାଇଁ ବିଧାୟିକା ଚେଷ୍ଟା କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲା ଜୋନ ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ, ପାଇକ ଯମୁନା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବିଷୋୟୀ, ପାଇକଯମୁନା ସମିତିସଭ୍ୟା ଆରତୀ ସାହୁ, ବିଡିଓ ବାସୁଦେବ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ କଂଗ୍ରେସର ପ୍ରତିଷ୍ଠା ଦିବସ

**ପାରଳାଖେମୁଣ୍ଡି, ୨୮।୧୨(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ୧୩୬ତମ ଅଖିଳ ଭାରତୀୟ କଂଗ୍ରେସ ପାର୍ଟି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ ପତାକା ଉତ୍ତୋଳନ କରିବା ସହ ପୂର୍ବତନ ବିଧାୟକ ତ୍ରିନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଦଳର ଯୁବ ସଭାପତି ଭାବେ ନୂତନ ଦାୟିତ୍ୱ ନେଇଥିବା ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୁମ୍ମା ବ୍ଲକର ମଣ୍ଟୁ ପାଣି, ବେର୍ନୀକ ଗମାଙ୍ଗ, ମହନ ମିସାଲ, ମୋହନା ବ୍ଲକର ଗୌରୀ ଶଙ୍କର ପ୍ରଧାନପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁରେ କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଦିବସରେ ଆରଏମ୍‌ସିଠାରୁ ପରିବା ବଜାର ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଯାଏ ଏକ ରାଲି କରାଯାଇ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ହିଞ୍ଜିଳି ବିଧାନସଭା ମଣ୍ଡଳୀର ଦଳୀୟ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀ ନେତୃତ୍ୱରେ ନଗର ସଭାପତି ସୁନାରାମ ସାବତ, ଯୁବ ସଭାପତି କନ୍ହେୟାଲାଲ ସାବତ ପ୍ରମୁଖ ଯୁବ କର୍ମୀ ଅଂଶ ଗ୍ରହଣ କରିଥିଲେ।

**ବୁଗୁଡ଼ା:** ପୂର୍ବତନ ନଗର କଂଗ୍ରେସ ସଭାପତି ବିଘ୍ନରାଜ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଷ୍ଠା ଦିବସରେ ନଗର କଂଗ୍ରେସ ସଭାପତି ମାନସ ରଞ୍ଜନ ଦାଶ, ଜିଲା କଂଗ୍ରେସ ସମ୍ପାଦକ ଜାନକୀବଲ୍ଲଭ ରାଉତ, ବ୍ଲକ ଓବିସି ମୋର୍ଚ୍ଚାର ସଭାପତି ସୁଜିତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡିଠାରେ ପୁଞ୍ଜିକନ୍ୟା ଛକ ନିକଟରେ ଥିବା ଦଳୀୟ କାର୍ଯ୍ୟାଳୟରୁ ବିଶାଳ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବଜାର ଛକଠାରେ ମହାତ୍ମା ଗାନ୍ଧୀ, କବିସୂର୍ଯ୍ୟ ବଳଦେବ ରଥଙ୍କ ସମେତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଦଳୀୟକର୍ମୀ ପୁଷ୍ପମାଲ୍ୟର୍ପଣ କରିଥିଲେ। ସେଠାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗବନ୍ଧୁ ମିଶ୍ର ଅଧକ୍ଷତା କରିଥିବା ବେଳେ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ପାରଳାଖେମୁଣ୍ଡିଠାରେ ଆୟୋଜିତ ପ୍ରତିଷ୍ଠା ଦିବସରେ ଦଳୀୟ କର୍ମକର୍ତ୍ତା।

## ୧୨୧ ୟୁନିଟ ରକ୍ତ ସଂଗ୍ରହ

**ଦିଗପହଣ୍ଡି,୨୮।୧୨(ଡି.ଏନ.ଏ.)**

ଓଡ଼ିଶା ବିଧାନସଭା ବାଚସ୍ପତି ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟକ ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଜନ୍ମଦିନ ଅବସରରେ ସୋମବାର ଦିଗପହଣ୍ଡି ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଓଡିଶା ମୋ ପରିବାର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ରକ୍ତଭଣ୍ଡାର କର୍ତ୍ତୃପକ୍ଷଙ୍କ ସହଯୋଗରେ ୧୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସାମାଜିକ କର୍ମୀ ରାମକୃଷ୍ଣ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଶିବିର ଉଦ୍‌ଘାଟନୀ ସଭାରେ ପଦ୍ମନାଭପୁର ସରପଞ୍ଚ ବି.କ୍ରିଷ୍ଣାରାଓ ସୁବୁଦ୍ଧି ଅଧକ୍ଷତା କରିଥିଲେ। ଗଞ୍ଜାମ ଜିଲା ଜୀବନବିନ୍ଦୁ ସଂଯୋଜକ ତଥା ରାଜ୍ୟ ବିଜେଡି ସମ୍ପାଦକ ସୁବାସ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡି ରାଜ୍ୟ ପରିଷଦ ସଭ୍ୟ ଯୋଗେନ୍ଦ୍ର ସ୍ୱାଇଁ, ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ସୁନିଲ ଗୌଡ, ଦିଗପହଣ୍ଡି ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ପୂର୍ବତନ ଏନ୍‌ଏସି ଅଧକ୍ଷ ଭି .ରବିନାରାୟଣ ରାଜୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ।

# ମୁଖ୍ୟମନ୍ତ୍ରୀ ସବୁବେଳେ ନୂଆ ଚିନ୍ତା କରିଥାନ୍ତି: ଚନ୍ଦ୍ରଶେଖର

**ପାରଳାଖେମୁଣ୍ଡି, ୨୮।୧୨(ଡି.ଏନ୍.ଏ.)**

ଲୋକ ଆଶା କରି ନ ଥିବା କଥାକୁ କାର୍ଯ୍ୟରେ କରି ଦେଖାଇଥାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କର ପ୍ରତ୍ୟେକଟି ଜନମଙ୍ଗଳ କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ସ୍ୱରୂପ। ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ବିଦ୍ୟାଳୟରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଓଡ଼ିଶା ସରକାର ସରକାରୀ ବିଦ୍ୟାଳୟରେ ଅଧୟନ କରୁଥିବା ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ମେଡିକାଲ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ବୃସୁକେତୁ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଭିଭାବକ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର, ମହାରାଜା ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜି. ସୁଦର୍ଶନ ରାଓ, ମହେନ୍ଦ୍ରଗିରି ହାଇସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପାରଳାଖେମୁଣ୍ଡି ଉପଜିଲାପାଳ ସଂଗ୍ରାମ କେଶରୀ ପଣ୍ଡା, ରାଜଜେମା କଲ୍ୟାଣୀ ଦେବୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ହରିହର ଦାସ, ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।




ମଞ୍ଚାସୀନ ଅତିଥି।

